ଜିଲ୍ଲା : ଜଗତ୍ସିଂହପୁର

କେସ୍ ନଂ : ୦୭/୧୯

ପକ୍ଷ : ମମତା ବେହେରା

ଅପରପକ୍ଷ : ଅରୁଣ ପରିଡ଼ା

କେସ୍ ପ୍ରକାର : ଯୌତୁକ ଜନିତ ଘଟଣା

ଅଭିଯୋଗକାରିଣୀ ମମତା ବେହେରା, ଅରୁଣ ପରିଡା ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଯୌତୁକ ନିର୍ଯ୍ୟାତନା ନେଇ ଅଭିଯୋଗ ଦାଖଲ କରିଥିଲେ । ସେ ଅରୁଣଙ୍କୁ ୨୦୧୫ ମସିହାରେ ବିବାହ କରିଥିଲେ । ୧ ମାସ ଗ୍ରାମରେ ଅରୁଣ ସହ ରହିବା ପରେ ଅରୁଣ ତାଙ୍କ କର୍ମସ୍ଥଳୀ ମୁମ୍ବାଇକୁ ନେଇ ଯାଇଥିଲେ । ସେଠାରେ ରହିବା ଭିତରେ ମମତାଙ୍କୁ ଅରୁଣ ତାଙ୍କ କାର୍ଯ୍ୟାଳୟର ଅଫିସରମାନଙ୍କ ଭଲମନ୍ଦ ବୁଝିବାକୁ କୁହନ୍ତି । ଏପରି କାମରେ ସେ ରାଜି ନ ହେବାରୁ ତାଙ୍କୁ ଅରୁଣ ମାଡ ମାରନ୍ତି । ସେସବୁକୁ ସହି ନ ପାରି ସେ ବାପା-ମା'ଙ୍କୁ ଫୋନ୍ କରି ବାପା ମା'ଙ୍କ ସାହାଯ୍ୟରେ ଘରକୁ ଆସି ରହିବା ଭିତରେ ସ୍ୱାମୀ ଅରୁଣ କି ତାଙ୍କ ପରିବାର ଲୋକେ ତାଙ୍କର କୌଣସି ଦାୟିତ୍ୱ ନେଇନଥିଲେ ।

ଏଥିପାଇଁ ଆୟୋଗ ତରଫରୁ Notice ଅରୁଣଙ୍କ ବାପା ମା'ଙ୍କୁ କରାଯାଇଥିଲା, କାରଣ ମମତା ଅରୁଣଙ୍କ ଠିକଣା ଜାଣନ୍ତି ନାହିଁ ବୋଲି କହିଥିଲେ । ଅରୁଣଙ୍କ ବାପା ମା'ଙ୍କ ସହ ଆଲୋଚନା କରାଯାଇଥିଲା । ଆଲୋଚନାରେ ପୁଅ ତାଙ୍କ କଥାରେ ନାହିଁ । ମମତା କୁହନ୍ତି- ଶାଶୁ ଶ୍ୱଶୁର ନଣନ୍ଦ ସମସ୍ତେ ମିଶି ତାଙ୍କୁ ନିର୍ଯ୍ୟାତନା ଦିଅନ୍ତି । ବାହାଘରର ଆଠ ଦିନରେ ଶାଶୁ ତାଙ୍କୁ ମାଡ ମାରିଥିଲେ । ଶାଶୁ ଶ୍ୱଶୁରଙ୍କୁ ପୁଅ-ଅରୁଣଙ୍କୁ ନେଇ ଉପସ୍ଥିତ ହେବାକୁ ପ୍ରସ୍ତାବ ଦେବାରେ ସେ ପୁଅ ଉପସ୍ଥିତ ହେବ ନାହିଁ ବୋଲି ପ୍ରକାଶ କରିଥିଲେ । ପରେ ଅରୁଣଙ୍କ ବାପା ମା'ଙ୍କ ସାଙ୍ଗରେ ଉପସ୍ଥିତ ଥିବା ଏକ ଭଦ୍ରଲୋକଙ୍କ ପାଖରୁ ଅରୁଣଙ୍କ ଫୋନ୍ ନମ୍ବର ଆଣି ଅରୁଣଙ୍କୁ Phone ରେ ଉକ୍ଟଭଷ୍ପବମଷ୍ପ କରାଯାଇ ଆୟୋଗରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ ହେବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା । ପରେ ଉଭୟପକ୍ଷ ଏକାଠି ହେବାପରେ ସେମାନଙ୍କ ମଧ୍ୟରେ ଆଲୋଚନା କରାଯାଇ ଉଭୟ ଏକାଠି ମିଳିମିଶି ରହିବା ପାଇଁ ବାରମ୍ବାର ଚେଷ୍ଟା କରାଯାଇ ତାରିଖ ପରେ ତାରିଖ ଦିଆଯାଇଥିଲା । କିନ୍ତୁ କୌଣସି ସୁଫଳ ମିଳି ନଥିଲା । ସେଥିପାଇଁ ଉଭୟ ଅଲଗା ରହିବାକୁ ଚାହିଁବାରେ ଅରୁଣଙ୍କୁ ମମତାର ସମସ୍ତ ସ୍ତ୍ରୀ ଧନ, ସୁନାଗହଣା ଓ ଏକକାଳୀନ ଭରଣପୋଷଣ ଦେବା ନେଇ ନିଷ୍ପତ୍ତି ନିଆଗଲା । ସେମାନେ ଏଥିରେ ରାଜି ହୋଇଥିଲେ ।